Institute for Social Development

# ମାଧ୍ୟମ

ମହିଳା ସହଯୋଗ କେନ୍ଦ୍ର - ଅପ୍‌ଡେଟ୍

1st Year | Vol.II | September 2014 - August 2015

## ଏକ ବର୍ଷରେ ମାଧ୍ୟମ...

ସେପ୍ଟେମ୍ବର ୩ ତାରିଖ ୨୦୧୪ରେ ଆରମ୍ଭ ହୋଇଥିବା ଏକ ଅଭିନବ ସାଂଗଠନିକ ବ୍ୟବସ୍ଥା **"ମାଧ୍ୟମ"** ତାର ଦ୍ୱିତୀୟ ବର୍ଷରେ ପଦାର୍ପଣ କରୁଛି । ଦ୍ୱୈତନଗରୀରେ ବୃଦ୍ଧିପାଉଥିବା ମହିଳାମାନଙ୍କ ପ୍ରତି ହିଂସାକୁ ବନ୍ଦ କରିବାର ଲକ୍ଷ୍ୟ ନେଇ **କମିଶନରେଟ୍ ପୋଲିସ ଭୁବନେଶ୍ୱର-କଟକ, ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ଡେଭ୍‌ଲପ୍‌ମେଣ୍ଟ୍ (ଆଇ.ଏସ.ଡି) ଓ ଅକ୍ସଫାମ୍ ଇଣ୍ଡିଆଙ୍କ** ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିଲା **ମହିଳା ସହଯୋଗ କେନ୍ଦ୍ର- "ମାଧ୍ୟମ"** । ଭୁବନେଶ୍ୱର ଡି.ସି.ପି ଙ୍କ କାର୍ଯ୍ୟାଳୟ ଓ କଟକର ମହିଳା ଥାନା ପରିସରରେ କାର୍ଯ୍ୟ କରୁଅଛି ଏହି କେନ୍ଦ୍ର । ପୋଲିସ ବ୍ୟବସ୍ଥା ମଧ୍ୟରେ ରହି ପୋଲିସର ସହଯୋଗରେ ଅନେକ ସଂସାରକୁ ଯୋଡିବାରେ ସଫଳ ହୋଇଛି ଏହି କେନ୍ଦ୍ର । ଏତଦ୍ ବ୍ୟତୀତ ଏହି ସହଯୋଗ କେନ୍ଦ୍ର ନିର୍ଯ୍ୟାତନାରେ ପୀଡିତା ମହିଳାଟିର ଆତ୍ମବଳ ବୃଦ୍ଧି କରିବା ସହିତ ଅନ୍ୟାନ୍ୟ ସହଯୋଗର ହାତ ବଢାଇଚାଲିଛି, ଯେପରିକି ମହିଳାଟିକୁ ଆଶ୍ରୟ ଗୃହକୁ ପହଞ୍ଚାଇବା, ମାଗଣା ଆଇନଗତ ସହାୟତା ଯୋଗାଇଦେବା, ଡାକ୍ତରୀ ସହାୟତା ଦେବା ଓ ତତ୍ ସହିତ ମହିଳାକୁ ଆର୍ଥିକ ସ୍ୱାବଲମ୍ବୀ କରାଇବା ପାଇଁ ଏକ୍ଷେତ୍ରରେ କାର୍ଯ୍ୟରତ ବିଭିନ୍ନ ସଂଗଠନ ସହିତ ଯୋଗାଯୋଗ କରାଇ ଦିଆଯାଇଛି । ଏକ ବର୍ଷ ମଧ୍ୟରେ **"ମାଧ୍ୟମ"** ଅନେକ ସଫଳତା ଏବଂ ବିଫଳତାର ଶାଖା, ପ୍ରଶାଖା ବିସ୍ତାରିତ କରି ନିଜର ଅସ୍ତିତ୍ୱକୁ ଜାହୀର କରିଚାଲିଛି ।

ବିଗତ ଏକ ବର୍ଷ ମଧ୍ୟରେ ଦେଖାଯାଇଛି ଯେ, ମାଧ୍ୟମରେ ପଞ୍ଜିକୃତ ୪୨୬ଟି ଅଭିଯୋଗ ମଧ୍ୟରୁ ୩୩୭ଟି ଅଭିଯୋଗ କେବଳ ପାରିବାରିକ ହିଂସା ସମ୍ବନ୍ଧୀୟ । ପାରିବାରିକ ହିଂସା ଛଡା ବି ଅନେକ ଅଭିଯୋଗ ଯଥା- କର୍ମକ୍ଷେତ୍ରରେ ଯୌନନିର୍ଯ୍ୟାତନା, ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ବନ୍ଧ ରଖି ପରେ ପ୍ରତାରିତ କରିବା, ପରିବାରରେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ହତାଦାର କରିବା ଆଦି ଅନେକ ଅଭିଯୋଗ ଗ୍ରହଣ କରାଯାଇ ଉପଯୁକ୍ତ ପରାମର୍ଶ ମାଧ୍ୟମରେ ସମାଧାନ ହୋଇପାରିଛି । **"ମାଧ୍ୟମ"**ରେ କାର୍ଯ୍ୟରତ ପରାମର୍ଶ ଦାତ୍ରୀମାନେ ଏଥିରେ ପ୍ରମୁଖ ଭୂମିକା ତୁଲାଇ ଆସୁଛନ୍ତି ।

କେବଳ ନିର୍ଯ୍ୟାତନାରେ ପୀଡିତା ମହିଳା **"ମାଧ୍ୟମ"**କୁ ଆସିନାହାନ୍ତି ଯେଉଁସବୁ କ୍ଷେତ୍ରରେ ଅସୁବିଧା ଉପୁଜିଛି କିମ୍ବା ପୀଡିତା ଆସିବାରେ ବାଧା ରହିଛି, **"ମାଧ୍ୟମ"** ସେମାନଙ୍କ ନିକଟରେ ପହଞ୍ଚି ପରିବାର ସଦସ୍ୟଙ୍କ ସହିତ ମିଳିମିଶି ସମସ୍ୟାର ସମାଧାନ କରିଛି ଏବଂ ସଫଳ ବି ହୋଇଛି । ସବୁଠାରୁ ବଡକଥା ହେଲା ମହିଳାମାନଙ୍କ ଉପରେ ଅତ୍ୟାଚାର ହେଲେ ସେମାନେ ନୀରବ ରହୁଥିଲେ । କାହା ଆଗରେ କହିବେ, କେମିତି କହିବେ, ଜାଣି ପାରୁନଥିଲେ । ପୋଲିସ ପାଖକୁ ଯିବାକୁ ମନରେ ଭୟଥିଲା । ନିଜର ସମ୍ମାନ ହାନିର ଡର ରହିଥିଲା; ତେଣୁ ଅଧିକାଂଶ ଘଟଣା ବାହାରକୁ ଆସି ପାରୁନଥିଲା । **"ମାଧ୍ୟମ"** କିଛି ନୂଆ କରି ଦେଖାଇଲା । ମହିଳାଙ୍କ ଭିତରେ ଭରିଦେଲା ଆତ୍ମବିଶ୍ୱାସ । ସେମାନେ ଆଗକୁ ବାହାରିଲେ ଓ ନିଜର ସମସ୍ୟାକୁ ପରାମର୍ଶଦାତ୍ରୀଙ୍କ ଆଗରେ ନିସଂକୋଚରେ କହିଲେ ।

ଏକ୍‌ବର୍ଷ ଶେଷ କରି ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଛି **"ମାଧ୍ୟମ"** । ଏହାକୁ ଗଢିବା ଓ ବଢିବାରେ ଯେଉଁମାନେ ସେମାନଙ୍କର ସହଯୋଗ ହାତ ବଢାଇଛନ୍ତି, ସେମାନଙ୍କୁ ମୁଁ ଆଇ.ଏସ.ଡି ତରଫରୁ ଆନ୍ତରିକ ଧନ୍ୟବାଦ ଦେଉଛି । ବିଶେଷ ଧନ୍ୟବାଦ ଦେଉଛି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଶର୍ମା, ଭୁବନେଶ୍ୱର ଓ କଟକ ପୋଲିସ କମିଶନରଙ୍କୁ, ଯିଏକି ପ୍ରତିଟି କ୍ଷେତ୍ରରେ **"ମାଧ୍ୟମ"**କୁ ସଫଳ କରାଇବାରେ ମୁଖ୍ୟ ଭୂମିକା ନେଇଛନ୍ତି । ଧନ୍ୟବାଦ ଦେଉଛି ଅକ୍ସଫାମ ଇଣ୍ଡିଆ ଓ ତାହାର ସମସ୍ତ କର୍ମକର୍ତ୍ତାମାନଙ୍କୁ ଯାହାଙ୍କର ବିନା ସହଯୋଗରେ **"ମାଧ୍ୟମ"** ଆଗକୁ ଯିବା ଅସମ୍ଭବ । ଅକ୍ସଫାମ୍ ଇଣ୍ଡିଆ ଯୋଗାଇଥିବା ଆର୍ଥିକ ସହାୟତା ଆଜି ଅନେକ ନିର୍ଯ୍ୟାତିତା ମହିଳାଙ୍କ ନିମନ୍ତେ ସହାୟକ ହୋଇପାରିଛି । ଶ୍ରୀଯୁକ୍ତ ସତ୍ୟବ୍ରତ ଭୋଇ, ଡି.ସି.ପି, ଭୁବନେଶ୍ୱର, ଶ୍ରୀଯୁକ୍ତ ସଞ୍ଜୀବ ଆରୋରା, ଡି.ସି.ପି, କଟକ ଓ କମିଶନରେଟ୍ ପୋଲିସ୍ ଅଧିନରେ ଥିବା ସମସ୍ତ ଥାନାର ଭାରପ୍ରାପ୍ତ ଅଧିକାରୀମାନଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଛି ଯେଉଁମାନଙ୍କ ଅକୁଣ୍ଠ ସାହଯ୍ୟ ନପାଇଥିଲେ **"ମାଧ୍ୟମ"** ଆଜି ଆଗକୁ ଯାଇପାରିନଥାନ୍ତା ।ଆଗାମୀ ଦିନମାନଙ୍କରେ ଏହି ଭଳି ସହଯୋଗ  ସମସ୍ତଙ୍କ ଠାରୁ ମିଳିବ ବୋଲି ମୋର ଆଶା ଓ ବିଶ୍ୱାସ ।

**ଶୁଭଶ୍ରୀ ଦାସ**

ନିର୍ଦ୍ଦେଶିକା, ଆଇ.ଏସ୍.ଡ଼ି



Dr. Rajendra Pd. Sharma, IPS
Commissioner of Police

COMMISSIONERATE POLICE
BHUBANESWAR-CUTTACK
Tel. Off:0674-2530035.
Res.: 0674-2393398
Cell : +91 7894419894
Fax : 0674-2530001
E-mail : commissioneratepolice@nic.in

It gives me immense joy to write a few lines about the onerous task undertaken by **'Maadhyam'**-a joint venture of police commissionerate, Bhubaneswar-Cuttack and Institute for Social Development (ISD) successfully functioning in both the UPDs of Cuttack and Bhubaneswar for the last one year.

The idea of establishing a counseling centre for women victims of domestic and other violence in the twin cities was conceptualized by the Police Commissionerate and we got ample support from ISD to realize it in the twin cities. Within a very short span of time, **'Maadhyam'** has gained the trust of the people especially of women in distress. The counseling sessions by the experienced counselors have been proved as a great means of solace.

**'Maadhyam'**, justifying its name, has also provided medico-legal assistance to the victims of all sorts of crimes. It has successfully instilled a sense of relief among the victims that they should fight for their rights without suffering from any inhibition or guilt feelings.

I congratulate one and all associated with this societal venture. I am sure; the selfness services rendered by the team **'Maadhyam'** would be appreciated and honored by the society at a large.

I also aspire for its extension to render continued and dedicated service to the distressed women in the coming years.

**(Dr. R. P. Sharma)**
**Commissioner of Police**
**BBSR-CTC**

# ମାଧମ- ବାର୍ଷିକ ଅଭିଯୋଗ ସମ୍ବନ୍ଧୀୟ ପରିସଂଖ୍ୟାନ

## (୩ ସେପ୍ଟେମ୍ବର ୨୦୧୪ ଠାରୁ ୩୧ ଅଗଷ୍ଟ ୨୦୧୫ ପର୍ଯ୍ୟନ୍ତ)

**"ମାଧମ"** -ମହିଳା ସହଯୋଗ କେନ୍ଦ୍ର, ଭୁବନେଶ୍ୱର ଓ କଟକ ଏବେ ଏକ ବର୍ଷର କାର୍ଯ୍ୟ ପରିପୂର୍ଣ୍ଣ କରିଛି। ବିଗତ ଏକ ବର୍ଷ ମଧ୍ୟରେ ଅନେକ ମହିଳା ନିଜନିଜର ଅଭିଯୋଗ ନେଇ ଆସିଛନ୍ତି ଓ ସେମାନଙ୍କୁ କେନ୍ଦ୍ର ତରଫରୁ ସବୁପ୍ରକାର ସହାୟତା ଯୋଗାଇ ଦିଆଯାଇଛି। କାର୍ଯ୍ୟରତ ପରାମର୍ଶଦାତ୍ରୀମାନେ ସେମାନଙ୍କର କର୍ତ୍ତବ୍ୟ ଠିକଭାବେ ତୁଲାଇପାରିଛନ୍ତି। ଅନେକ ଅଭିଯୋଗର ସମାଧାନ କରିଛନ୍ତି ଓ କିଛି ଅଭିଯୋଗର ସମାଧାନର ସୁତ୍ର ଖୋଜି ପାଇଛନ୍ତି। ନିର୍ଯ୍ୟାତିତା ମହିଳାଟିକୁ ଠିକ୍ ବାଟରେ ଯିବାପାଇଁ ପଥପ୍ରଦର୍ଶିକା ସାଜିଛନ୍ତି। ସେମାନେ ଖାଲି ଏକା ନୁହନ୍ତି, ତାଙ୍କୁ ପୋଲିସ ପ୍ରଶାସନର ବେଶ କିଛି ସହଯୋଗ ମିଳିଛି ନିଜ କାମକୁ ସଫଳତାର ସହିତ ସମ୍ପାଦନ କରିବାରେ।

ଏଠାରେ ଦେଖାଯାଇଛି ଯେ, **"ମାଧମ"** କେନ୍ଦ୍ରକୁ ଆସୁଥିବା ଅନେକ ମହିଳା ପରିବାରରେ ନିଜର ଅଧିକାର ବିଷୟରେ ସଂପୂର୍ଣ୍ଣ ଅଜ୍ଞ। ସରକାରଙ୍କର ମହିଳାମାନଙ୍କ ପାଇଁ ଏତେ ସବୁ ବୈଧାନିକ ବ୍ୟବସ୍ଥା ଥାଇ ମଧ ଅନେକ ମହିଳାଙ୍କ ପାଖେ ସାଧାରଣ ଜ୍ଞାନ ଓ ସୂଚନାର ଅଭାବରୁ ସେମାନେ ସେମାନଙ୍କର ଅଧିକାରରୁ ବଞ୍ଚିତ ହୋଇଛନ୍ତି। ଏ କ୍ଷେତ୍ରରେ **"ମାଧମ"** ତରଫରୁ ଅନେକ ତଥ୍ୟ ପରାମର୍ଶ ମାଧମରେ ଦିଆଯାଇଛି। ଯଦ୍ୱାରା ଅନେକ ମହିଳା ଉପକୃତ ହୋଇପାରିଛନ୍ତି। ନିମ୍ନରେ ଏକବର୍ଷ ମଧ୍ୟରେ ମାଧମକୁ ଆସିଥିବା ବିଭିନ୍ନ ପ୍ରକାର ଅଭିଯୋଗ ଓ ସମାଧାନର ପରିସଂଖ୍ୟାନ ଦିଆଯାଇଛି।

### ୧. ପଞ୍ଜିକୃତ ହୋଇଥିବା ମୋଟ ଅଭିଯୋଗ ସଂଖ୍ୟା

| ଭୁବନେଶ୍ୱର | କଟକ | ମୋଟ |
|---|---|---|
| ୨୦୨ | ୨୨୪ | ୪୨୬ |

### ୨. ପରାମର୍ଶ ମାଧମରେ ସମାଧାନ ହୋଇଥିବା ଅଭିଯୋଗ ସଂଖ୍ୟା

| ଭୁବନେଶ୍ୱର | କଟକ | ମୋଟ |
|---|---|---|
| ୮୬ | ୧୩୯ | ୨୨୫ |

ବିଗତ ଏକ ବର୍ଷ ମଧ୍ୟରେ ଦେଖାଯାଇଛି ଯେ, **"ମାଧମ"**କୁ ଅଭିଯୋଗ ନେଇ ଆସୁଥିବା ଅନେକ ମହିଳା ପାରିବାରିକ ହିଂସାରେ ପୀଡିତା । ମୋଟ ପଞ୍ଜୀକୃତ ୪୨୬ ଟି ଅଭିଯୋଗ ମଧ୍ୟରୁ ୩୩୭ଟି ଅଭିଯୋଗ କେବଳ ପାରିବାରିକ ହିଂସା ସମ୍ବନ୍ଧୀୟ ଅଭିଯୋଗ। ପାରିବାରିକ ହିଂସା ଛଡା ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ବନ୍ଧରଖି ପରେ ବିବାହ ନକରି ପ୍ରତାରଣା କରିବା, ରାସ୍ତାରେ ଝିଅମାନଙ୍କୁ ଖରାପ ଇଙ୍ଗୀତ ଦେଖାଇବା, ଘରେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ହଇରାଣ କରିବା, କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନା ଭଳି ଅନେକ ଅଭିଯୋଗ ଆସିଅଛି। ନିମ୍ନରେ ଏହାର ପରିସଂଖ୍ୟାନ ଦିଆଗଲା –

### ୩.

| ହିଂସାର ପ୍ରକାର | ସଂଖ୍ୟା |
|---|---|
| ପାରିବାରିକ ହିଂସା | ୩୩୭ |
| କର୍ମସ୍ଥଳରେ ଯୌନ ନିର୍ଯ୍ୟାତନା | ୦୮ |
| ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ବିବାହ ନ କରିବା | ୩୨ |
| ଯୌନ ନିର୍ଯ୍ୟାତନା | ୦୩ |
| ବୃଦ୍ଧ ମାତାପିତାଙ୍କୁ ନିର୍ଯ୍ୟାତନା | ୦୫ |
| ସାଇବର୍ ଅପରାଧ | ୦୯ |
| ଆଡଲଟରୀ ବା ବ୍ୟଭିଚାର | ୧୬ |
| ଷ୍ଟକିଙ୍ଗ | ୦୨ |
| ଅନ୍ୟାନ୍ୟ | ୧୪ |



କେବଳ ପରାମର୍ଶ ନୁହେଁ "ମାଧ୍ୟମ" ତରଫରୁ ଅନେକ ମହିଳାଙ୍କୁ ସରକାରୀ ଓ ବେସରକାରୀ ଯୋଜନା ସହିତ ସାମିଲ କରାଯାଇଛି । ସେହି ସବୁ ଯୋଜନାରେ ସାମିଲ କରାଯାଇଥିବା ମହିଳାଙ୍କ ସଂଖ୍ୟା-

୪.

| ଯୋଜନାର ନାମ | ସଂଖ୍ୟା |
|---|---|
| ସ୍ୱଧାର ଗୃହରେ ରହିବାର ବ୍ୟବସ୍ଥା | ୦୮ |
| ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ଜରିଆରେ ମାଗଣାରେ ଆଇନ ସେବା ଯୋଗାଇ ଦିଆଯାଇଥିବା ମହିଳା ସଂଖ୍ୟା | ୨୨ |
| ସୁରକ୍ଷା ଅଧିକାରୀଙ୍କ ସହାୟତାରେ ପାରିବାରିକ ହିଂସା ସୁରକ୍ଷା ଆଇନ ୨୦୦୫ରେ ପଞ୍ଜିକୃତ ହୋଇଥିବା ଅଭିଯୋଗ | ୦୮ |
| ଡାକ୍ତରୀ ସୁବିଧା | ୦୭ |




"ମାଧ୍ୟମ"କୁ ଅଭିଯୋଗ ନେଇ ଆସୁଥିବା ଅନେକ ମହିଳା ବିଭିନ୍ନ ମାଧ୍ୟମରେ ଆସିଥାନ୍ତି । ମୋଟ ଆସିଥିବା ୪୨୬ ଅଭିଯୋଗ ମଧ୍ୟରୁ ୩୮ ଜଣ ନିଜେ ନିଜେ ଆସିଛନ୍ତି । ୨୯ ଜଣ ପଡୋଶୀ ଓ ବଂଧୁଙ୍କ ସହାୟତାରେ, ୨୩ ଜଣ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଧ୍ୟମରେ ଓ ୦୯ ଜଣ ଓକିଲମାନଙ୍କ ପରାମର୍ଶରେ ନିଜର ଅଭିଯୋଗ ନେଇ ଆସିଛନ୍ତି । ଏଠାରେ ଦେଖାଯାଇଛି ଯେ ଅଧିକାଂଶ ମହିଳା ବିଭିନ୍ନ ଥାନା ମାଧ୍ୟମରେ ଆସିଛନ୍ତି । ନିମ୍ନରେ ବିଗତ ଏକ ବର୍ଷ ମଧ୍ୟରେ କେଉଁ କେଉଁ ଥାନା ମାଧ୍ୟମରୁ ଆସିଥିବା ଅଭିଯୋଗ ସମ୍ବନ୍ଧରେ ପରିସଂଖ୍ୟାନ ଦିଆଗଲା ।

## ୫. ବିଭିନ୍ନ ଥାନା ମାଧ୍ୟମରେ ଆସିଥିବା ଅଭିଯୋଗ ସଂଖ୍ୟା

| ଥାନାର ନାମ | ସଂଖ୍ୟା |
|---|---|
| ଭୁବନେଶ୍ୱର | |
| ଖଣ୍ଡଗିରି | ୦୩ |
| ଚନ୍ଦକା | ୦୨ |
| ଖାରବେଳ ନଗର | ୦୨ |
| ନନ୍ଦନକାନନ | ୦୧ |
| ଶହିଦନଗର | ୦୩ |
| ଏୟାରଫିଲଡ | ୦୧ |
| ଲକ୍ଷ୍ମୀସାଗର | ୦୨ |
| ଜଟଣୀ | ୦୨ |
| ବାଲିଅନ୍ତା | ୦୩ |
| ଇନଫୋସିଟି | ୦୧ |
| ଡିସିପି ଅଭିଯୋଗ ପ୍ରକୋଷ୍ଠ | ୧୫ |
| ନୟାପଲ୍ଲୀ | ୦୧ |
| ଲିଙ୍ଗରାଜ | ୦୧ |
| ବରଗଡ | ୦୧ |
| ସି.ପି ଅଭିଯୋଗ ପ୍ରକୋଷ୍ଠ | ୦୩ |
| ମହିଳା ଥାନା | ୭୬ |
| କଟକ | |
| ମହିଳାଥାନା | ୨୦୨ |
| କନ୍ଦରପୁର | ୦୨ |
| ସଦର ପୋଲିସ | ୦୩ |
| ପୁରୀ ଘାଟ | ୦୨ |
| ଲାଲବାଗ | ୦୧ |






ମାଧମକୁ ଆସୁଥିବା ସମସ୍ତ ଅଭିଯୋଗର ସମସ୍ତ ପ୍ରକାର ତଥ୍ୟ ରଖାଯାଇଥାଏ । ଯେପରିକି ସେମାନଙ୍କର ବୟସ, ଶିକ୍ଷାଗତ ଯୋଗ୍ୟତା କେଉଁ ବର୍ଗ ବା ଜାତିର କେତେ ଜଣ ମହିଳା ଆସିଛନ୍ତି ସେ ସବୁର ତଥ୍ୟ ନିମ୍ନରେ ଦିଆଗଲା-

## ୬. ଅଭିଯୋଗ ଆଣିଥିବା ମହିଳାମାନଙ୍କ ବୟସ

| ବୟସ | ସଂଖ୍ୟା |
|---|---|
| ୧୮ ବର୍ଷରୁ କମ | ୦୬ |
| ୧୮ରୁ ୪୦ ବର୍ଷ | ୩୩୬ |
| ୪୧ରୁ ୫୫ ବର୍ଷ | ୬୬ |
| ୫୫ ବର୍ଷରୁ ଅଧିକ | ୧୮ |




## ୭. ଶିକ୍ଷାଗତ ଯୋଗ୍ୟତା

| ଯୋଗ୍ୟତା | ସଂଖ୍ୟା |
|---|---|
| କିଛି ପଢିନାହାନ୍ତି | ୦୨ |
| କେବଳ ଦସ୍ତଖତ ଜାଣିଛନ୍ତି | ୩୨ |
| ପ୍ରାଥମିକ | ୮୨ |
| ମାଧ୍ୟମିକ | ୧୪୮ |
| ଇଣ୍ଟରମିଡିଏଟ | ୪୦ |
| ସ୍ନାତକ | ୫୮ |
| ସ୍ନାତକୋତ୍ତର | ୨୪ |
| ବୃତ୍ତିଗତ ପେଷା | ୪୦ |




## ୮. କେଉଁ ବର୍ଗର ମହିଳାମାନେ ଅଭିଯୋଗ ଆଣିଛନ୍ତି

| ବର୍ଗ | ସଂଖ୍ୟା |
|---|---|
| ସାଧାରଣ | ୨୦୬ |
| ଓ.ବି.ସି. | ୭୮ |
| ଅନୁସୁଚିତ ଜାତି | ୯୩ |
| ଅନୁସୁଚିତ ଜନଜାତି | ୦୩ |
| ଖ୍ରୀଷ୍ଟିୟାନ | ୦୩ |
| ମୁସ୍‌ଲିମ | ୪୩ |




- "ମାଧମ"କୁ ଅଭିଯୋଗ ନେଇ ଆସୁଥିବା ସମସ୍ତ ମହିଳାଙ୍କର ତଥ୍ୟ ଗୋପନ ରଖାଯିବ । ଯଦି ଜଣେ ମହିଳା ନିଜେ ଚାହାନ୍ତି ଯେ, ସେ ତାଙ୍କର ଘଟଣା ଗଣ ମାଧ୍ୟମରେ ପ୍ରକାଶ ପାଉ, ତେବେ ସେ କ୍ଷେତ୍ରରେ "ମାଧମ" ଗଣମାଧ୍ୟମର ସହଯୋଗ ଲୋଡିଥାଏ ।
- "ମାଧମ"କୁ ଆସୁଥିବା ଯେକୌଣସି ଅଭିଯୋଗର ପ୍ରଥମେ ଦରଖାସ୍ତ ଗ୍ରହଣ କରାଯିବ ଓ ପରେ ଏହାକୁ ବିଚାରକରି ପରାମର୍ଶ ଗ୍ରହଣୀୟ ବୋଲି ବିବେଚନା କରାଯିବ ।
- ପିଡୀତା ମହିଳା ନିଜେ କିମ୍ବା ତାଙ୍କ ପରିବାରର ଯେକୌଣସି ସଦସ୍ୟ ଅଭିଯୋଗ ସମ୍ବନ୍ଧୀୟ ଦରଖାସ୍ତ କରିପାରିବେ ।

# କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯ୍ୟାତନା (ସୁରକ୍ଷା, ନିଷେଧ ଓ ନିରାକରଣ) ଆଇନ୍, ୨୦୧୩

## (The Sexual Harassment of Women at Workplace (Prevention, Prohibition and Redressal) Act, 2013)

ଜାତିସଂଘର ତଥ୍ୟ ଅନୁସାରେ ସାରା ପୃଥିବୀରେ ପ୍ରତି ତିନି ଜଣରେ ଜଣେ ମହିଳା ନିଜ ଜୀବନକାଳ ଭିତରେ ଯେକୌଣସି ପ୍ରକାର ହିଂସାର ସମ୍ମୁଖୀନ ହୋଇଥାନ୍ତି । ସାରା ବିଶ୍ୱରେ ବିଭିନ୍ନ ସ୍ତରର ଆଲୋଚନା ଓ ପର୍ଯ୍ୟାଲୋଚନାରୁ ଜଣାଯାଇଛି ଯେ ମହିଳାମାନେ ସାମ୍ନା କରୁଥିବା ହିଂସା/ନିର୍ଯ୍ୟାତନା ହେଉଛି ସମାଜରେ ପ୍ରଚଳିତ ଲିଂଗଗତ ବିଭେଦର ପରିପ୍ରକାଶ । ମହିଳାମାନଙ୍କ ହିତପାଇଁ ଆମ ସରକାର ଅନେକ ଆଇନ ପ୍ରଣୟନ କରିଛନ୍ତି ।ସଂପ୍ରତି କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନାକୁ ରୋକିବା ପାଇଁ ଭାରତ ସରକାର ଏକ ଆଇନ୍ କରିଛନ୍ତି, ଯାହାର ନାମ ହେଉଛି **'କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯ୍ୟାତନା(ସୁରକ୍ଷା ନିଷେଧ ଓ ନିରାକରଣ) ଆଇନ୍-୨୦୧୩**। ଏହି ଆଇନରେ, କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନା ଯୋଗୁଁ ମହିଳାମାନଙ୍କର ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରଗୁଡିକ ଯଥା ସମାନତା ଅଧିକାର , ମର୍ଯ୍ୟାଦାପୂର୍ଣ୍ଣ ଜୀବନ ବଂଚିବା ଅଧିକାର ତଥା ନିରାପଦ କର୍ମକ୍ଷେତ୍ରର ଅଧିକାରଗୁଡିକ କ୍ଷୁର୍ଣ୍ଣ ହେଉଛି ବୋଲି ସ୍ୱୀକୃତି ଦିଆଯାଇଛି । ଏହା ସହିତ ଏହି ଆଇନରେ କର୍ମକ୍ଷେତ୍ରରେ ମହିଳାମାନଙ୍କୁ ଯୌନ ନିର୍ଯ୍ୟାତନାରୁ ସୁରକ୍ଷା ଦେବାର ବିଭିନ୍ନ ବ୍ୟବସ୍ଥା ଅଛି । ତେବେ ଜଣେ ମହିଳା କିଭଳି ଭାବେ ଏହି ଆଇନ୍‌ରେ ସହାୟତା ପାଇପାରିବ ନିମ୍ନରେ ସମ୍ୟକ୍ ଭାବେ ଚର୍ଚ୍ଚା କରାଗଲା ।

### ଏହି ଆଇନରେ କର୍ମକ୍ଷେତ୍ର କାହାକୁ କହିବା ?



- ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ରାଷ୍ଟ୍ରାୟତ ଉଦ୍ୟୋଗ
- ଡାକ୍ତରଖାନା କିମ୍ବା ନର୍ସିଂ ହୋମ୍
- ଶିକ୍ଷାନୁଷ୍ଠାନ ( ସରକାରୀ ଓ ବେସରକାରୀ)
- ଅଣସଂଗଠିତ କ୍ଷେତ୍ର
- ଖେଳ ଇନଷ୍ଟିଚ୍ୟୁଟ, ଷ୍ଟାଡିୟମ୍‌ରେ ଥିବା ହଷ୍ଟେଲ, ଆବାସିକ ତାଲିମ କେନ୍ଦ୍ର ଓ ଅଣଆବାସିକ ତାଲିମ କେନ୍ଦ୍ର ମଧ୍ୟ ଅନ୍ତର୍ଭୁକ୍ତ ।

### ଯୌନ ନିର୍ଯ୍ୟାତନା କାହାକୁ କୁହାଯାଏ ?

ଉକ୍ତ ଆଇନ୍‌ରେ ଯୌନ ନିର୍ଯ୍ୟାତନାର ସଂଜ୍ଞାକୁ ମଧ୍ୟ ବ୍ୟାପକ ଭାବରେ ଗ୍ରହଣ କରାଯାଇଛି । ଫଳରେ ମହିଳା ସହକର୍ମୀଙ୍କ ଶରୀର ସ୍ପର୍ଶ କରିବା, ଯୌନଗତ ଟିପ୍ପଣୀ ଦେବା , ଅଶ୍ଳୀଳ ଫଟୋ ଦେଖାଇବା ଠାରୁ ଆରମ୍ଭ କରି ଯେ କୌଣସି ମୌଖିକ, ଶାରୀରିକ ଆଚରଣ ଯାହା ମହିଳାଟିର ମର୍ଯ୍ୟାଦା ହାନି କରୁଥିବ, ସେଗୁଡିକୁ ନିର୍ଯ୍ୟାତନା କୁହାଯିବ ଏବଂ ଏହା ଦଣ୍ଡନୀୟ ଅପରାଧ ବୋଲି ପରିଗଣିତ ହେବ ।

### କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନା ଅଭିଯୋଗ କରିବା ପାଇଁ ଆଇନରେ ଥିବା ବ୍ୟବସ୍ଥା :

ଆଇନ୍ ଅନୁସାରେ ପ୍ରତ୍ୟେକ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଅଣସଂଗଠିତ କ୍ଷେତ୍ରରେ ମହିଳାଙ୍କ ଉପରେ ହେଉଥିବା ନିର୍ଯ୍ୟାତନାକୁ ରୋକିବା ପାଇଁ ଆଭ୍ୟନ୍ତରିଣ ଅଭିଯୋଗ କମିଟି (Internal Complaint Committee) ଓ ଅଣସଂଗଠିତ କ୍ଷେତ୍ରରେ ମହିଳାମାନଙ୍କୁ ସୁରକ୍ଷା ଦେବାପାଇଁ ସ୍ଥାନୀୟ ଅଭିଯୋଗ କମିଟି (Local Complaint Committee) ଗଠନ କରିବାର ବ୍ୟବସ୍ଥା ରହିଛି ।

## ଅଭିଯୋଗ ଦାଖଲର ପ୍ରଣାଳୀ :

ଘଟଣା ଘଟିବାର ସଙ୍ଗେ ସଙ୍ଗେ ଆପଣ ବନ୍ଧୁ ବା ସହକର୍ମୀମାନଙ୍କଠାରୁ ସମର୍ଥନ ଓ ସହଯୋଗ ମାଗନ୍ତୁ ଓ ତତ୍ ସହିତ ଆପଣଙ୍କ ନିଯୁକ୍ତିଦାତା ବା ଉପରିସ୍ଥ କର୍ମଚାରୀଙ୍କୁ ଘଟଣାର ଲିଖିତ ଭାବେ ଅଭିଯୋଗ କରନ୍ତୁ। ଯଦି ଆପଣ କାମ କରୁଥିବା ଅଫିସରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(Internal Complaint Committee) ରହିଛି ତେବେ କମିଟିରେ ଥିବା ଅଧକ୍ଷାଙ୍କୁ ଲିଖିତ ଅଭିଯୋଗ କରିପାରିବେ । ଆପଣଙ୍କ ଅଭିଯୋଗକୁ ବିଚାର କରି ଉକ୍ତ କମିଟି ତଦନ୍ତ କରିବେ ଓ ସ୍ଥଳ ବିଶେଷରେ ଅଭିଯୋଗଟିକୁ ପୋଲିସକୁ ମଧ୍ୟ ପ୍ରେରଣ କରିପାରିବେ। ନଚେତ ପୀଡିତା ମହିଳା ନିଜ ତରଫରୁ ପୋଲିସରେ ନିଜର ଅଭିଯୋଗ ଦାଖଲ କରିପାରିବେ । ଯଦି ଥାନା ଅଧିକାରୀ ଆପଣଙ୍କ ଅଭିଯୋଗ ଗ୍ରହଣ ନକରନ୍ତି, ତେବେ ଆପଣ ପୁଲିସର ଉପରିସ୍ଥ ଅଫିସରଙ୍କୁ ଭେଟି ଆପଣଙ୍କ ଅଭିଯୋଗ ଦିଅନ୍ତୁ। ଏସବୁ ସତ୍ତ୍ୱେ ଯଦି ପୋଲିସ ଆପଣଙ୍କ ଅଭିଯୋଗ ଗ୍ରହଣ ନକରନ୍ତି, ତେବେ ସିଧା ସଳଖ ଆପଣ ହାଇକୋର୍ଟରେ ରିଟ ପିଟିସନ ଦାଖଲ କରନ୍ତୁ। ଏ କ୍ଷେତ୍ରରେ ଅଦାଲତ ପୋଲିସଙ୍କୁ ଅଭିଯୋଗ ପଞ୍ଜୀକୃତ କରିବା ପାଇଁ ଆଦେଶ ଦେବେ। ଏଥି ପାଇଁ ଭାରତୀୟ ସମ୍ବିଧାନର ଧାରା ୨୨୬ ଲାଗୁ ହେବ। ଏହିଭଳି ଘଟଣାରେ ଆପଣ ନିଜେ ମାଜିଷ୍ଟ୍ରେଟ୍‌ଙ୍କୁ ଭେଟି ତାଙ୍କ ପାଖରେ ଆପଣଙ୍କ ଅଭିଯୋଗକୁ ପଞ୍ଜୀକୃତ କରାଇପାରିବେ। ଏଥିପାଇଁ ସି.ଆର.ପି.ସିର ଧାରା ୧୫୬(୩) ଲାଗୁହେବ।

ଅଭିଯୋଗର ତଦନ୍ତ ପ୍ରକିୟା ସରିନଥିବା ବେଳେ ମଧ୍ୟ ପୀଡିତା ମହିଳାଙ୍କ ଲିଖିତ ଆବେଦନକୁ ଭିତ୍ତିକରି ସେ ନିମ୍ନୋକ୍ତ ଅଧିକାର ପାଇପାରିବେ :

- ପୀଡିତା ମହିଳା ବା ଅଭିଯୁକ୍ତଙ୍କୁ ଅନ୍ୟ କୌଣସି କର୍ମସ୍ଥଳୀକୁ ବଦଳି।
- ପୀଡିତା ମହିଳାଙ୍କୁ ସବେତନ ୩ ମାସ ଛୁଟି।
- ଅନ୍ୟ ଯେକୌଣସି ସହାୟତା ଯାହା ସ୍ଥିର କରାଯାଇପାରିବ।
- ଅଭିଯୋଗ ପ୍ରମାଣିତ ହୋଇଗଲେ, ଅଭିଯୁକ୍ତ ପୀଡିତା ମହିଳାଟିକୁ କ୍ଷତି ପୂରଣ ଦେବେ।

ମହିଳାମାନଙ୍କୁ ସୁରକ୍ଷିତ କର୍ମସ୍ଥଳୀ ଯୋଗାଇଦେବା ଏବଂ ସେମାନଙ୍କୁ ଏକ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ବଞ୍ଚିବାର ସୁଯୋଗ ଦେବା ଆମ ସମସ୍ତଙ୍କର ଦାୟିତ୍ୱ। ଆପଣ ଯଦି ଏହି ଧରଣର ନିର୍ଯ୍ୟାତନାର ଶିକାର ହେଉଥାନ୍ତି ତେବେ ସହାୟତା ପାଇଁ ଆମର **ହେଲପ୍ ଲାଇନ୍ ନମ୍ବର-୦୬୭୪-୬୪୫୧୧୪୧** ରେ ଯୋଗାଯୋଗ କରିପାରିବେ। ନତୁବା ଆପଣ ଆମର ୱେବସାଇଟ୍ **www.isdbbsr.org**କୁ ଯାଇ ଅନ୍‌ଲାଇନ୍ ଅଭିଯୋଗ ରେଜିଷ୍ଟ୍ରେସନ୍‌ରେ କ୍ଲିକ୍ କରି ନିଜର ଅଭିଯୋଗ ଦାଖଲ କରିପାରିବେ । ଆମ ପାଖକୁ ଆସୁଥିବା ସମସ୍ତ ତଥ୍ୟ ଗୋପନ ରଖାଯିବ।


## ACKNOWLEDGEMENT

We are grateful to the following persons who are continuously encouraging and support **Maadhyam** to work for the survivors of violence.

**Mr. Satyabrata Bhoi**, IPS
Deputy Commissioner of Police, Bhubaneswar

**Mr. Sanjeev Arora**, IPS
Deputy Commissioner of Police, Cuttack

**Advisory Body Member, Maadhyam**

**Mrs. Namrata Chadha,** Social Activist
**Dr. Bikash Das,** Human Right Activist-cum-Lawer
**Prof. Lopamudra Mohanty,** Ex-Chair person, State Commission for Women
**Shri Batakrushna Tripathy,** Rtd. Inspector General of Police
**Dr. Seba Mohapatra,** Former Director,Health Services, Govt. of Odisha
**Prof. Bijoya Mishra,** Social Activist
**Mrs. Jayashree Rout,** Psychologist
**Mrs. Biseswari Mohanty,** Add. Public Prosecutor

**Our Special thanks to Inspector In-charge of all Police Stations of Commissionerate Police, Bhubaneswar-Cuttack**



**ସସ୍ମିତା ମିଶ୍ର**
ନର୍ଦନ ହାଇଟ ଆର୍ପାଟମେଣ୍ଟ
ପଟିଆ, ଭୁବନେଶ୍ୱର

ବିଭିନ୍ନ ସମ୍ବାଦପତ୍ରରୁ "ମାଧ୍ୟମ" ମହିଳା ସହଯୋଗ କେନ୍ଦ୍ର ବିଷୟରେ ପଢିବାକୁ ପାଇଲି । ଆମ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରତ୍ୟେକ ଦିନ ସମ୍ବାଦପତ୍ରରେ ମହିଳାମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା ବିଷୟରେ ବାହାରିଥାଏ । ଅନେକ ମହିଳା ନିର୍ଯ୍ୟାତନାର ଶିକାର ହୋଇ ଘର ଭିତରେ ହିଁ ରହିଥାନ୍ତି । ସେମାନେ କାହା ପାଖକୁ ଯିବେ କାହାକୁ କହିବେ ସେମାନଙ୍କର ଧାରଣା ନାହିଁ । ଯେଉଁମାନେ ମହିଳା ପୋଲିସ ପାଖକୁ ଯାଇଛନ୍ତି ପ୍ରାୟତଃ ସେମାନଙ୍କର ଘର ଆଉ ସଜାଡି ହୋଇ ପାରିନି । ଏହି ପରିପ୍ରେକ୍ଷୀରେ "ମାଧ୍ୟମ" ମହିଳା ସହଯୋଗ କେନ୍ଦ୍ର ମହିଳାମାନଙ୍କୁ ସହଯୋଗର ହାତ ବଢାଇଥିବାରୁ ଏହା ଏକ ଅଭିନବ ପ୍ରୟାସ । ଆଶା କରୁଛି ଏହି କେନ୍ଦ୍ର ଦ୍ୱାରା ଅନେକ ମହିଳା ଉପକୃତ ହେବେ । ଏହି କେନ୍ଦ୍ରର ଅଧିକ ପ୍ରଚାର ପ୍ରସାର ହେଲେ ବସ୍ତି ଅଞ୍ଚଳରେ ରହୁଥିବା ମହିଳାମାନେ ଏହାର ସହଯୋଗ ନେଇପାରିବେ ।



**ଜୟଶ୍ରୀ ପାହାଡସିଂ**
ବରିଷ୍ଠ ରିପୋର୍ଟର, ନ୍ୟୁଜ-୭
ଭୁବନେଶ୍ୱର

"ମାଧ୍ୟମ" ଏକ ଉତ୍ତମ ଅନୁଷ୍ଠାନ । ମହିଳାଙ୍କୁ ସହାୟତା ଯୋଗାଇବାରେ ଏହାର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ମୁଁ ଅନେକ କେସ୍ ନେଇ "ମାଧ୍ୟମ"କୁ ଯାଇଛି ଏବଂ ଏହାର ସମାଧାନ ମଧ୍ୟ ହୋଇଛି । ଯେଉଁମାନଙ୍କ ମଧ୍ୟରେ ବୁଝାମଣା କରାଯାଇଥିଲା, ସେମାନେ ସମସ୍ତେ ଖୁବ ଖୁସିରେ ଅଛନ୍ତି । "ମାଧ୍ୟମ"ରେ ଥିବା ପରାମର୍ଶଦାତ୍ରୀ ମାନେ ତାଙ୍କ କାର୍ଯ୍ୟ ବହୁତ ଭଲରେ କରନ୍ତି । ମାଧ୍ୟମ ଦିନକୁ ଦିନ ଉନ୍ନତି ପଥରେ ଆଗେଇଚାଲିବ ଏବଂ ଦିନେ ମହିଳାଙ୍କୁ ସହାୟତା ଯୋଗାଇବାରେ ଓଡିଶାରେ ପ୍ରସିଦ୍ଧି ଲାଭ କରିବ । ମାଧ୍ୟମର ଏକ ବର୍ଷ ପୁର୍ତ୍ତି ଅବସରରେ ମୁଁ ଶୁଭକାମନା ଜଣାଉଛି ।

## ପୋଲିସ୍ ଅଧିକାରୀଙ୍କ ସ୍ଥାୟୀ ମୋବାଇଲ ନମ୍ବର

| ପଦ | ମୋବାଇଲ ନମ୍ବର |
|---|---|
| ପୁଲିସ କମିଶନର | ୮୨୮୦୩୩୮୩୦୦ |
| ଅତିରିକ୍ତ ପୁଲିସ କମିଶନର | ୮୨୮୦୩୩୮୩୦୧ |
| ଡିସିପି( ହେଡକ୍ୱାର୍ଟର) | ୮୨୮୦୩୩୮୩୦୪ |
| ଡିସିପି(ଟ୍ରାଫିକ) | ୮୨୮୦୩୩୮୩୦୫ |

**ଭୁବନେଶ୍ୱର**

| | |
|---|---|
| ଡିସିପି, ଭୁବନେଶ୍ୱର | ୮୨୮୦୩୩୮୩୦୨ |
| ଏସିପି | |
| ଜୋନ୍- ୧ | ୮୨୮୦୩୩୮୩୦୬ |
| ଜୋନ୍-୨ | ୮୨୮୦୩୩୮୨୯୨ |
| ଜୋନ୍-୩ | ୮୨୮୦୩୩୮୨୯୩ |
| ଜୋନ୍-୪ | ୮୨୮୦୩୩୮୨୯୪ |
| ଜୋନ୍-୫ | ୮୨୮୦୩୩୮୨୯୫ |
| ଜୋନ୍-୬ | ୮୨୮୦୩୩୮୨୯୬ |
| ଏସିପି, ଟ୍ରାଫିକ୍ | ୮୨୮୦୩୩୮୨୯୭ |
| **ଥାନା ଅଧିକାରୀ** | |
| ଟ୍ରାଫିକ ଥାନା, ଏଜି ଛକ | ୮୨୮୦୩୩୮୨୯୮ |
| ଟ୍ରାଫିକ ଥାନା, ଚନ୍ଦ୍ରଶେଖରପୁର | ୮୨୮୦୩୩୮୨୯୯ |
| କ୍ୟାପିଟାଲ | ୮୨୮୦୩୩୮୩୦୭ |
| ଖାରବେଳନଗର | ୮୨୮୦୩୩୮୩୦୮ |
| ମହିଳା | ୮୨୮୦୩୩୮୩୦୯ |
| ଧଉଳି | ୮୨୮୦୨୨୮୩୧୦ |
| ଶ୍ରୀ ଲିଙ୍ଗରାଜ | ୮୨୮୦୩୩୮୩୧୧ |
| ଏୟାରଫିଲ୍ଡ | ୮୨୮୦୩୩୮୩୧୨ |
| ଜଟଣୀ | ୮୨୮୦୩୩୮୩୧୩ |
| ତମାଣ୍ଡୋ | ୮୨୮୦୩୩୮୩୧୪ |
| ଖଣ୍ଡଗିରି | ୮୨୮୦୩୩୮୩୧୫ |
| ବଡଗଡ | ୮୨୮୦୩୩୮୩୧୬ |
| ଲକ୍ଷ୍ମୀସାଗର | ୮୨୮୦୩୩୮୩୧୭ |
| ବାଲିଅନ୍ତା | ୮୨୮୦୩୩୮୩୧୮ |
| ବାଲିପାଟଣା | ୮୨୮୦୩୩୮୩୧୯ |
| ନୟାପଲ୍ଲୀ | ୮୨୮୦୩୩୮୩୨୦ |
| ମଞ୍ଚେଶ୍ୱର | ୮୨୮୦୩୩୮୩୨୧ |
| ସହିଦନଗର | ୮୨୮୦୩୩୮୩୨୨ |
| ଚନ୍ଦକା | ୮୨୮୦୩୩୮୩୨୩ |
| ନନ୍ଦନକାନନ | ୮୨୮୦୩୩୮୩୨୪ |
| ଇନଫୋସିଟି | ୮୨୮୦୩୩୮୩୨୫ |
| ଚନ୍ଦ୍ରଶେଖରପୁର | ୮୨୮୦୩୩୮୩୨୬ |
| ଆରଆଇ, ଭୁବନେଶ୍ୱର | ୮୨୮୦୩୩୮୩୨୭ |

**କଟକ**

| | |
|---|---|
| ଡିସିପି | ୮୨୮୦୩୩୮୩୦୩ |
| ଏସିପି | |
| ଜୋନ୍- ୧ | ୮୨୮୦୩୩୮୩୦୬ |
| ଜୋନ୍-୨ | ୮୨୮୦୩୩୮୩୨୯ |
| ଜୋନ୍-୩ | ୮୨୮୦୩୩୮୩୩୦ |
| ଜୋନ୍-୪ | ୮୨୮୦୩୩୮୩୩୧ |
| ଜୋନ-୫ | ୮୨୮୦୩୩୮୩୩୨ |
| ଜୋନ୍-୬ | ୮୨୮୦୩୩୮୩୩୪ |
| ଟ୍ରାଫିକ୍ | ୮୨୮୦୩୩୮୩୩୫ |
| **ଥାନା ଅଧିକାରୀ** | |
| ଟ୍ରାଫିକ | ୮୨୮୦୩୩୮୩୩୬ |
| ଚୌଦ୍ୱାର | ୮୨୮୦୩୩୮୩୩୭ |
| ଜଗତପୁର ଥାନା | ୮୨୮୦୩୩୮୩୩୮ |
| ମାଲଗୋଦାମ | ୮୨୮୦୩୩୮୩୩୯ |
| ମଙ୍ଗଳାବାଗ | ୮୨୮୦୩୩୮୩୪୦ |
| କ୍ୟାଣ୍ଟନମେଣ୍ଟ | ୮୨୮୦୩୩୮୩୪୧ |
| ଦରଘାବଜାର | ୮୨୮୦୩୩୮୩୪୨ |
| ମହିଳା | ୮୨୮୦୩୩୮୩୪୩ |
| ଲାଲବାଗ୍ | ୮୨୮୦୩୩୮୩୪୪ |
| ବିଡାନାସୀ | ୮୨୮୦୩୩୮୩୪୫ |
| ମର୍କତନଗର | ୮୨୮୦୩୩୮୪୪୬ |
| ସିଡିଏ ଫେଜ-୨ | ୮୨୮୦୩୩୮୪୪୭ |
| ସଦର | ୮୨୮୦୩୩୮୪୪୮ |
| ବାରଙ୍ଗ | ୮୨୮୦୩୩୮୪୪୯ |
| ଚାଉଳିଅଗଞ୍ଜ | ୮୨୮୦୩୩୮୩୫୦ |
| କନ୍ଦରପୁର | ୮୨୮୦୩୩୮୩୫୧ |
| ପୁରୀଘାଟ | ୮୨୮୦୩୩୮୩୫୨ |
| ମଧୁପାଟଣା | ୮୨୮୦୩୩୮୩୫୩ |
| ବାଦାମବାଡି | ୮୨୮୦୩୩୮୩୫୪ |
| ଆରଆଇ | ୮୨୮୦୩୩୮୩୫୫ |

**Maadhyam**

**Bhubaneswar**
Office of the Deputy Commissioner of Police
Vani Vihar Square
Ph.:0674-6002131
Email:maadhyambbsr@isdbbsr.org

**Cuttack**
Mahila Police Station, Buxibazar
Ph:0671-6532131
Email:maadhyamctc@isdbbsr.org

ISD
*Institute for Social Development*
Plot No.-95, Phase-II, Kanan Vihar
P.O.-Patia, Bhubaneswar-751031, Odisha, India
Ph - +91-674-6451141, Fax: +91-674-2726756
E-mail: isd_bbsr@rediffmail.com, to@isdbbsr.org
Web.: www.isdbbsr.org

ऑक्सफैम इंडिया
OXFAM
India
House No. D-022, Maitri Vihar
Chandrashekharpur, Bhubaneswar - 751016
Odisha
Tel: +91 674 2303992/93/94
E-mail: bhubaneswar@oxfamindia.org
Web:www.oxfamindia.org